# ତହସିଲ କାର୍ଯ୍ୟାଳୟ,ଦେବଗଡ

**ବିଜ୍ଞାପନ ସଂଖ୍ୟା. ୨୨୨୮, ତାରିଖ ୦୭.୦୬.୨୦୨୨**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ଲଘୁ ଖଣିଜ ରିହାତି ଆଇନ (OMMC Rule- 2016) ନିୟମାନୁଯାୟୀ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଦେବଗଡ ଜିଲ୍ଲା ଦେବଗଡ ତହସିଲ ଅନ୍ତର୍ଗତ ସଇରାତ ଉସ୍ର (ପଥର) ବଞ୍ଜାରି ୧ ର ଆସନ୍ତା ୫ ବର୍ଷ ନିମନ୍ତେ ତହସିଲଦାର, ଦେବଗଡ ଙ୍କ ଦ୍ୱାରା ନିଲାମ ହେବ। ଇଚ୍ଛୁକ ପ୍ରାର୍ଥୀ OMMC Rule-2016 ର ଫର୍ମ "M" (ତିନି କପି) ପୂରଣ କରି ଏଥି ସହିତ ଉପଯୁକ୍ତ ନକ୍ସା (ତିନି କପି) ସଂଲଗ୍ନ କରି ଓ ନିର୍ଧାରିତ ସର୍ତ୍ତାବଳୀକୁ ଆଧାର କରି ତା.୨୩.୦୬.୨୦୨୨ ଅପରାହ୍ନ ୨.୦୦ ଘଟିକା ସମୟ ମଧ୍ୟରେ ଜଉମୁଦଦିଆ ଲଫାପାରେ ଫର୍ମ ପୁରଣ କରି ଅମାନତ ରାଶି ସହ ଦରଖାସ୍ତ ପକାଇ ପାରିବେ ଏବଂ ସେହିଦିନ ଅପରାହ୍ନ ୪.୦୦ ଘଟିକା ରେ ଉକ୍ତ ଦରଖାସ୍ତ ଗୁଡିକୁ ଲିଜ ଦରଖାସ୍ତକାରୀ / ତାଙ୍କ ପ୍ରତିନିଧି ଉପସ୍ଥିତି ରେ ଦରଖାସ୍ତ ଗୁଡିକ ଯାଞ୍ଚ କରାଯାଇ ଲିଜ ଚୁଡାନ୍ତ କରାଯିବ । ପ୍ରଥମ ଦିବସରେ କୌଣସି ନିଲାମଧାରୀ ନ ମିଳିଲେ ଦ୍ୱିତୀୟ ଥର ତା.୨୯.୦୬.୨୦୨୨ ଓ ତୃତୀୟ ଥର ତା. ୦୪.୦୭.୨୦୨୨ ରେ ଦରଖାସ୍ତ ଆହ୍ୱାନ କରାଯିବ । କୌଣସି କାରଣ ନ ଦର୍ଶାଇ ଲିଜକୁ ସ୍ଥଗିତ କିମ୍ବା ରଦ୍ଦ କରିବା କ୍ଷମତା ନିମ୍ନ ସ୍ୱାକ୍ଷ୍ୟରକାରୀଙ୍କର ରହିଅଛି ।ଏହାର ସମସ୍ତ ସର୍ତ୍ତାବଳୀ ଜିଲ୍ଲା ସୂଚନା କାର୍ଯ୍ୟାଳୟର ୱେବସାଇଟwww.deogarh.nic.inରେ ଉପଲବ୍ଧ ଅଟେ।

**<u>ସଇରାତ ଉସ୍ର ଗୁଡିକର ବିବରଣୀ</u>**

| କ୍ର. ସଂ. | ମୌଜା ର ନାମ | ସଇରାତ ଉସର ନାମ | ଖାତା ନଂ. | ପ୍ଲଟ ନଂ. | ରକବା | କିସମ | ଅବଧି ସମୟ | ସର୍ବନିମ୍ନ ରୟାଲଟି ର ମୂଲ୍ୟ (Per Cum) | ଅତିରିକ୍ତ ଦେୟ (Per Cum) | Mining Plan ଅନୁଯାଇ ବାର୍ଷିକ ଉଠାଣ ଧାର୍ଯ୍ୟ ଢାଲି | ଅମାନତ ରାଶି |
|---|---|---|---|---|---|---|---|---|---|---|---|
| ୧ | ବଞ୍ଜାରି | ବଞ୍ଜାରି ୧ ପଥର କୁଆରି | ୦୮ | ୧୪୦ | ଏ ୨.୦୦ | ଡୁଙ୍ଗୁରୀ | ୨୦୨୨-୨୩ ରୁ ୨୦୨୬-୨୭ | ୧୩୦.୦୦ | Per Cum- ୨୫୦.୦୦ ରୁ କମ ହୋଇ ନ ଥିବ | ୫୦୪୦ CUM | ୯୫,୭୬୦.୦୦ |

ତହସିଲଦାର, ଦେବଗଡ

__ସର୍ତ୍ତାବଳୀ__

୧. ଦରଖାସ୍ତକାରୀ ଦରଖାସ୍ତ ଟ. ୧୦୦୦.୦୦ ଙ୍କାର ଏକ ଚାଲାଣ Demand No. 0853- non- ferrous Mining and metallurgical Industries- 102- Mineral Concession Fees. Rents and Royalties ପଇଠ କରି ସଂଯୋଗ କରିବେ।

୨. ଦରଖାସ୍ତ ସହିତ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଧାର୍ଯ୍ୟ ରାଶିର ଦାଖଲ କରିବେ।

୩. ସଇରାତ ଉତ୍ସ ନିମନ୍ତେ କୌଣସି ରାଶି ବକେୟା ନଥିବା ସତ୍ୟପାଠ ଦାଖଲ କରିବେ।

୪. Income tax return ଯାହାକି ସର୍ବନିମ୍ନ ଲଘୁଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣ ନିମନ୍ତେ ନିର୍ଦ୍ଧାରିତ ରୟାଲଟି ଏବଂ ଆବେଦନକାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଅତିରିକ୍ତ ଦେୟ ଠାରୁ କମ ହୋଇ ନଥିବ କିମ୍ବା ସମାନ ପରିମାଣ ର Bank Guaranteed ଯାହାର ବୈଧତା 18 ମାସ ପର୍ଯ୍ୟନ୍ତ ଥିବ । ତାହା ୧୮ ମାସ ପର୍ଯ୍ୟନ୍ତ ବୈଧ ହେବ।

୫. ଆବେଦନକାରୀ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ଆଇନ ୨୦୧୬ ଓ R&DM Deptt. letter No. 12160/ dt. 19.4.2022 ର ସର୍ତ୍ତାବଳୀ ମାନି ଚଳିବେ।

୬. ଲିଜ ଆବେଦନ ପୂର୍ବରୁ ଲିଜ ଏରିଆ ସମ୍ବନ୍ଧରେ ଆବଶ୍ୟକୀୟ ତଥ୍ୟ କୁ ଦେଖି ଲିଜ ନିମନ୍ତେ ଦରଖାସ୍ତ କରିପାରିବେ।

୭. ଆବେଦନକାରୀଙ୍କ ଦରଖାସ୍ତକୁ ଅନୁମୋଦନ କରାଗଲେ ଆବେଦନକାରୀ ର Royalty, Surface Rent, Dead Rent, EMF, DMF ଏବଂ Additional Charge ଏକକାଳୀନ ଦାଖଲ କରିବେ।

୮. ଲଘୁ ଖଣିଜ ପଦାର୍ଥ ଯଥା, ପଥର ର Royalty ର ଅତିରିକ୍ତ ଦେୟ Cum ପ୍ରତି ୨୫୦ ରୁ କମ ହୋଇ ନ ଥିବ।

୯. Royalty କୁ ଆଧାର କରି EMF, DMF, Addl. Charges ର ଦେୟ ଗଣନା କରାଯିବ ।

୧୦. ଲିଜଧାରୀ OMMC Rule, 2016 ର Para-26 ରେ ଉଲ୍ଲେଖ ଥିବା ସର୍ତ୍ତାବଳୀ ପାଳନ ନିମନ୍ତେ ଏକ ଚୁକ୍ତିନାମା ଦାଖଲ ହେବ।

୧୧. ସର୍ବୋଚ୍ଚ ନିଲାମଧାରୀ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତି ହୋଇଥିବା Mining Plan, Environmental Clearance ବାବଦରେ ହୋଇଥିବା ଖର୍ଚ୍ଚ ଏବଂ News Paper Advertisement ବାବଦରେ ହୋଇଥିବା ଖର୍ଚ୍ଚ ପଇଠ କରିବାକୁ ହେବ।

୧୨. ଲିଜ ପାଇବା ପରେ ସୈରାତ ଚଳାଇବା ପାଇଁ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନହିଁ ।

୧୩. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ। ଯଦି ୧ ରୁ ଅଧିକ

ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ, ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ।

୧୪. ସ୍ଥିରିକୃତ ହୋଇଥିବା MGQ ଲଘୁ ଖଣିଜ ଦ୍ରବ୍ୟ ର ବାର୍ଷିକ ପରିମାଣ ସହିତ ଲିଜଧାରୀ ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ସହିତ ରୟାଲିଟି ନିମନ୍ତେ ଟ. ୧୩୦ /- per cum ର 0.25% ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) ସହିତ ଅମାନତ ରାଶି (Security Deposit) ଭାବେ ଦାଖଲ କରିବେ।

୧୫. ଯଦି ସର୍ବୋଚ୍ଚ Additional Charge ମୂଲ୍ୟାଙ୍କନ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟଙ୍କ କରିଥିବା ଆବେଦନକାରୀ ଙ୍କୁ ସୁଯୋଗ ଦିଆଯିବ।

୧୬. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ଅର୍ଥରାଶିଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟା କୁ ରଦ୍ଦ କରାଯାଉ (Controlling Authority) ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ।

୧୭. ନିଲାମ ତାରିଖଦିନ ଦରଖାସ୍ତକାରୀ କିମ୍ବା ତାଙ୍କର କ୍ଷ୍ୟମତାପ୍ରାପ୍ତ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବା ନାହିଁ ।

୧୮. ଲିଜଧାରୀ ପ୍ରତି ବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା Surface Rent, Dead Rent, ଓ Royalty ପଇଠ କରିବେ।

୧୯. ଲିଜଧାରୀ ଉପୋରୋକ୍ତ ଦେୟ ସହିତ District Mineral Foundation (DMF) ବାବଦକୁ 10% ଏବଂ Environmental Management Fund (EMF) ବାବଦକୁ 5% ଅର୍ଥରାଶି ବାର୍ଷିକ ଅଗ୍ରୀମ ଆକାରରେ ପ୍ରଦାନ କରିବେ।

୨୦. ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟ କୁ କ୍ଷ୍ୟମତାପ୍ରାପ୍ତ ଅଧିକାରୀ ଙ୍କ ବିନାନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

୨୧. ନିଲାମଧାରୀ ଜମା Royalty ର 2% ଆୟକର ବାବଦକୁ Treasury Chalan ଆକାରରେ ଜମା କରିବେ।

ପଲ୍ଲବୀ ନାଗ୍ଦୁଙ୍କ
୨/୭/୨୨
ତହସିଲଦାର, ଦେବଗଡ